## ୧୦୦ କାଜୁ ଗଛ ଜଳିଗଲା

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବେଲବାହାଲି ପଞ୍ଚାୟତ ବେଲବାହାଲି ଗ୍ରାମରେ ଗୁରୁବାର ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କ କାଜୁ ବଗିଚାରେ ନିଆଁ ଲାଗି ୧୦୦ରୁ ଊର୍ଦ୍ଧ୍ୱ ଗଛ ନଷ୍ଟ ହୋଇଯାଇଛି। ଏଥିରେ ଅନେକ ଶାଗୁଆନ ଗଛ ପୋଡ଼ି ଯାଇଛି। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

**କେନ୍ଦୁଝର**

# ଅଫୁଟା ବାଣ ଫୁଟି ଛାତ୍ର ଗୁରୁତର

ହାଟଡ଼ିହୀ,୧୩।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମଠ କପୁଣ୍ଡି ଗ୍ରାମରେ ଅଫୁଟା ବାଣ ଫୁଟି ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ଗ୍ରାମର ଶମ୍ଭୁନାଥ ରାଉତଙ୍କ ପୁଅ ପ୍ରିୟାଂଶୁ (୧୧)। ସେ ସ୍ଥାନୀୟ ମଠ ମଧ୍ୟ ଇଂରାଜୀ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ପଢୁଥିବା ଜଣାପଡ଼ିଛି। ଗତ ବୁଧବାର ଏକ ବିବାହ ଶୋଭାଯାତ୍ରାରେ ଫୁଟି ନ ଥିବା ବାଣ ରାସ୍ତାକଡ଼ ବିଲରେ ପଡିଥିଲା। ଗୁରୁବାର ଏହି ଅଫୁଟା ବାଣକୁ ପ୍ରିୟାଂଶୁ ବିଲରୁ ଆଣି ଫୁଟାଇବାକୁ ଚେଷ୍ଟା କରିଥିଲେ। ଘରୁ ବାଣରେ ନିଆଁ ଲଗାଇ ବାହାରକୁ ନେଉଥିବା ବେଳେ ବାଣ ଫୁଟିଥିଲା। ପ୍ରିୟାଂଶୁଙ୍କ ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ଭଦ୍ରକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ଚାରାରୋପଣ ପରିଦର୍ଶନକଲେ ଲୋକପାଳ

## ଉଦ୍ୟାନ ବିଭାଗ କଲମୀ କାଜୁ ଚାରାରୋପଣରେ ଦୁର୍ନୀତି

ପାଟଣା,୧୩।୩(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ୨୦୨୩-୨୪ ଆର୍ଥିକ ବର୍ଷରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ କଲମୀ କାଜୁ ଚାରାରୋପଣ କରାଯାଇଥିଲା। ଉଦ୍ୟାନ କୃଷି ବିଭାଗର ଅବହେଳାରୁ ଚାରାରୋପଣ ସ୍ଥାନ ଚାରଣଭୂମିରେ ପରିଣତ ହୋଇଛି। ଚାରାରୋପଣରେ ଅଭିଯୋଗ ପରେ ଗୁରୁବାର ଲୋକପାଳ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଅଭିଯୋଗ ମୁତାବକ, ୨୦୨୩-୨୪ ଆର୍ଥିକ ବର୍ଷରେ ପାଟଣା ବ୍ଲକ୍‌ରେ ସମୁଦାୟ ୯୦.୫୨ ହେକ୍ଟର ଏବଂ ସାହାରପଡ଼ା ବ୍ଲକରେ ସମୁଦାୟ ୪୨.୫ହେକ୍ଟର ଜମିରେ କଲମୀ କାଜୁ, ଆପେଲ ବେରୀ, କଲମୀ ଆମ୍ବ ଚାରା ଲାଗିଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ଜମିରେ ମଧ୍ୟ ଚାରା ବଞ୍ଚି ନ ଥିବା ଅଭିଯୋଗ ହୋଇଥିଲା। କେନ୍ଦୁଝର ଏମ୍‌ପିଙ୍କ ଉଦ୍ୟାନ କୃଷି ବିଭାଗର ପ୍ରତିନିଧି ଶିବାଜୀ ଗୌତମ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଏକ ଟିମ୍ ସାହାରପଡ଼ା ବ୍ଲକ୍‌ର କୁଣ୍ଡଳା ପଞ୍ଚାୟତ ବିଭିନ୍ନ ଅଞ୍ଚଳ ବୁଲି କୁଣ୍ଡଳାର ଖଡ଼ିବେଡ଼ା ଗ୍ରାମରେ ଚାରାରୋପଣ ସ୍ଥାନରେ ଗଛ ନ ଥିବା ଓ ଉକ୍ତ ସ୍ଥାନରେ ବର୍ଷା ଜଳ ସଂରକ୍ଷଣ ପାଇଁ ଗାତ ଖୋଳା ଯାଇଥିବା ଦେଖିଥିଲେ।



ଲୋକପାଳ ଜଣେ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଧରିତ୍ରୀରେ ଖବର ପ୍ରକାଶ ପରେ ଗୁରୁବାର କେନ୍ଦୁଝର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ବୃଷବ ନାଏକ ଏବଂ ଡିଆରଡିଏ କେନ୍ଦୁଝରର ବରିଷ୍ଠ ରାଜସ୍ୱ ସହାୟକ କୈଳାସ ଚନ୍ଦ୍ର ମଲ୍ଲିକ ସମେତ ଭାଜପାର ଏକ ଜନ ପ୍ରତିନିଧି ଦଳ ପାଟଣା ବ୍ଲକ୍‌ର କେନ୍ଦେଇପଶି ପଞ୍ଚାୟତର ଖୁଣ୍ଟାପଡ଼ା, ମୁରୁସୁଆଁର କିଆପଡ଼ା, ରାଜନଗରର ନୂଆଗାଁ ମୁଣ୍ଡା, ବୁଢ଼ୀକାପୁଡିର ବେଲପଶି ୧, ବେଲପଶି ୨, ତେନ୍ତୁଳିଖୁଣ୍ଟି, ବାଉଁଶୁଳିର ବାଉଁଶୁଳି ୧, ବାଉଁଶୁଳି ୨ ଦାଶରଥିପୁର ବୃକ୍ଷରୋପଣ ସ୍ଥାନ ବୁଲି ଦେଖି ଗଛ ନ ଥିବା ଲୋକପାଳ ନାଏକ ଦେଖିଥିଲେ। ଜିଲା ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟରୁ ଏମ୍‌ଆର ମାଷ୍ଟର ରୋଲ ନ ଦେବାରୁ ଶ୍ରମିକ ଜଗୁଆଳି ପାରିଶ୍ରମିକ ପାଇ ନ ଥିବାରୁ ଚାରା ନଷ୍ଟ ହୋଇଥିବା ଉଦ୍ୟାନ ସାଥି ଲୋକପାଳଙ୍କ ନିକଟରେ କହିଥିଲେ। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଆବାସରୁ ବଞ୍ଚିତ ଦିବ୍ୟାଙ୍ଗ ଜମ୍ବୁ

ଚମ୍ପୁଆ,୧୩।୩(ମହେଶ୍ୱର ଦାସ)



ସରକାର ଅସହାୟ ଓ ଦିବ୍ୟାଙ୍ଗଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ସ୍ଥାନୀୟ ପ୍ରଶାସନ ଇଚ୍ଛା ଶକ୍ତି ଅଭାବ ଯୋଗୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ଯୋଜନା ପହଞ୍ଚି ପାରୁ ନ ଥିବା ଦେଖିବାକୁ ମିଳିଛି। ଯାହାର ସଦ୍ୟ ଉଦାହରଣ ପାଲଟିଛନ୍ତି ମଙ୍ଗଳପୁର ଗ୍ରାମର ଜମ୍ବୁ ନାୟକ।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଜାମୁଦଳକ ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଜମ୍ବୁ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ଆବାସରୁ ବଞ୍ଚିତ ଅଛନ୍ତି। ୩ ଥର ଆବାସ ପାଇଁ ଆବେଦନ କରିଛନ୍ତି। ପରିବାର ଆର୍ଥିକ ଅନଟନ ଦେଇ ଗତି କରୁଥିବା ବେଳେ ୫ କି.ଗ୍ରା ଚାଉଳ ଓ ଭିନ୍ନକ୍ଷମ ଭତ୍ତା ହିଁ ଏକମାତ୍ର ଭରସା। ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନର ଆନ୍ତରିକତା ଅଭାବରୁ ସେ ଆବାସରୁ ବଞ୍ଚିତ ରହିଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଜମ୍ବୁଙ୍କ ସ୍ୱାମୀ ପଦ୍ମନାଭ ନାୟକଙ୍କ କହିବା ଅନୁଯାୟୀ, ପ୍ରାୟ ୧୦ ବର୍ଷ ତଳେ ପରିବାରର ବୋଝ ମୁଣ୍ଡେଇଥିବା ଜମ୍ବୁ ଘର ଆଗରେ ଝୁଣ୍ଟି ପଡ଼ିଥିଲେ। ଫଳରେ ଦିନକୁ ଦିନ ୨ ଗୋଡ଼ ଓ ୨ ହାତ ପ୍ରବଳ ପୀଡ଼ା ହେବାକୁ ଲାଗିଥିଲା। ଚିକିତ୍ସା ପାଇଁ ଚମ୍ପୁଆଠାରୁ କଟକ ପର୍ଯ୍ୟନ୍ତ ଦୌଡ଼ିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ପରେ ୨ ଗୋଡ ଓ ୨ ହାତ ବଙ୍କା ହୋଇଯାଇଥିଲା। ପ୍ରାୟ ୭ ବର୍ଷ ହେବ ରୋଗଗ୍ରସ୍ତ ଜମ୍ବୁ ଚାଲିବା, ବସିବା, ଉଠିବା ଶକ୍ତି ହରାଇବସିଛନ୍ତି। ସ୍ୱାମୀ ପଦ୍ମନାଭ ଦୈନନ୍ଦିନ ତାଙ୍କୁ ବିଛଣାରୁ ଉଠାଇ ବାହାରେ ବସାଇବା ସହିତ ସେବା କରୁଛନ୍ତି। ଆର୍ଥିକ ମାନଦଣ୍ଡ ଦୋହଲି ଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସଟିଏ ପାଇବାରୁ ସେ ବଞ୍ଚିତ ଅଛନ୍ତି। ଭିନ୍ନକ୍ଷମ ପ୍ରମାଣ ପତ୍ର ଥାଇ ମଧ୍ୟ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ଏ ନେଇ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ କହିଛନ୍ତି, ଘଟଣାକୁ ଅନୁଧ୍ୟାନ କରିବା ପରେ ପର୍ଯ୍ୟାୟ କ୍ରମରେ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ସହିତ ଆବାସ ଯୋଜନା ପାଇଁ ପଦକ୍ଷେପ ନିଆଯିବ।

# ଶ୍ରୀ ଜୀଉଙ୍କ ହୋଲି ଉତ୍ସବ

କେନ୍ଦୁଝର,୧୩।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ସପ୍ତାହ ବ୍ୟାପି ଦୋଳ ଉତ୍ସବ ଜାରି ରହିଛି। ପ୍ରତ୍ୟେକ ଦିନ ଶ୍ରୀ ମନ୍ଦିରରୁ ଲକ୍ଷ୍ମୀ, ନାରାୟଣ, ବାସୁଦେବ, ମଦନ ମୋହନ, ରଜବାଟିରୁ ଜୟ ଗୋପାଳ, ରାଧିକା, ଦୁତିକା, ସିଧମଠରୁ ସିଦ୍ଧ ଜଗନ୍ନାଥ, ବନବିହାରୀ ଜିଉ ବାହାରି ବିଭିନ୍ନ ସୁସଜ୍ଜିତ ପାଲିଙ୍କିରେ ବସି ବିଭିନ୍ନ ସାହି ଓ ଶାସନ ପରିକ୍ରମା କରୁଛନ୍ତି। ଗୁରୁବାର ଶ୍ରୀ ଜିଉଙ୍କ ଡାଳ ଭଙ୍ଗା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଡ଼ ଶାସନ, ଢେଙ୍କାପୁର୍ ଶାସନ, ନରସିଂହପୁର ଶାସନ, ଜନାର୍ଦ୍ଦନପୁର ଶାସନ ପରିକ୍ରମା କରି ହୋଲି ଖେଳିଥିଲେ। ପୂର୍ଣ୍ଣମୀ ଦିନ ପୁରୁଣା ସହର ଦୋଳ ମଣ୍ଡପରେ ଠାକୁର ଏକାଠି ହେବେ। ହୋଲି ଦିନ ଶ୍ରୀ ଜିଉମାନେ ୩ ଶାସନ ଓ ଗୋଟିଏ ସାହି ପରିକ୍ରମା କରି ହୋଲି ଖେଳିଥାନ୍ତି। ରାତିରେ ସ୍ଥାନୀୟ ଦିଗଧନ ପୋଖରୀରେ ଗାଧୋଇ ଶ୍ରୀ ମନ୍ଦିର ଫେରିଥାନ୍ତି। କାର୍ଯ୍ୟକ୍ରମ ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ତଥା ଉପ ଜିଲାପାଳ କେନ୍ଦୁଝରଙ୍କ ଦ୍ୱାରା ପରିଚାଳିତ ହେଉଥିବା ବିଭାଗର ପରିଚାଳକ ପଞ୍ଚାନନ ସାହୁ କହିଛନ୍ତି।



ବିମାନରେ ଶ୍ରୀ ଜୀଉ ସାହି ପରିକ୍ରମା କରୁଛନ୍ତି।

# ଆଗେଇପାରୁନି ବାମେବାରି-ପଳାସପଙ୍ଗା ରାସ୍ତା କାମ



ଯୋଡ଼ା,୧୩।୩(ମାନସ ମହାନ୍ତି): ପୂର୍ତ୍ତ ବିଭାଗ ଅଧୀନସ୍ଥ ବାମେବାରି-ପଳାସପଙ୍ଗା ୪ ଲେନ୍ ରାସ୍ତା କାମ ଆଗେଇପାରୁନି। ଡିଏମ୍‌ଏଫ ଅର୍ଥରେ ନିର୍ମାଣ ହେବାକୁ ଥିବା ରାସ୍ତାର ଭିତ୍ତିପ୍ରସ୍ତର ଖୋଦ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାପନ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ମାଟି ମୁଠେ ବି ପଡ଼ି ପାରିଲାନାହିଁ। ଏ ନେଇ ଯୋଡ଼ା ବ୍ଲକ୍ ବଡ଼ କାଳୀମାଟି ସରପଞ୍ଚ ପାନପତି ମୁଣ୍ଡା ଜିଲାପାଳ ବିଶାଲ ସିଂହଙ୍କୁ ଭେଟି ଅଭିଯୋଗ କରିଛନ୍ତି। ୪ ଲେନ୍ ରାସ୍ତା ନିର୍ମାଣ ପାଇଁ ଜିଲା ଖଣିଜ ଫାଣ୍ଡି (ଡିଏମ୍‌ଏଫ୍)ରୁ ୪୯ କୋଟି ୮୨ ଲକ୍ଷ ୫୫ ହଜାର ୬୭୦ ଟଙ୍କା ମଞ୍ଜୁର ହୋଇଥିଲା। ୱାର୍କ୍ସ ଡିପାର୍ଟମେଣ୍ଟ ଓ ନନ୍ଦ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ ସଂସ୍ଥା ମଧ୍ୟରେ ୨୦୨୨ରେ ଚୁକ୍ତି ହୋଇଥିଲା। ରାସ୍ତା ନିର୍ମାଣ ୧ ଫେବୃଆରୀ ୨୦୨୩ ରୁ ଆରମ୍ଭ ହୋଇ ୩୧ ଜାନୁଆରୀ ୨୦୨୫ରେ ସମ୍ପୂର୍ଣ୍ଣ କରାଯିବାର ସମୟ ଅବଧି ରହିଥିଲା। ମାତ୍ର ଭିତ୍ତିପ୍ରସ୍ତର ସ୍ଥାପନର ୨ ବର୍ଷ ପରେ ମଧ୍ୟ କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ରାସ୍ତାରେ ଦୈନିକ ଖଣିଜ ବୋଝେଇ ଟ୍ରକ୍ ଯାତାୟାତ କାରଣରୁ ରାସ୍ତାଟି ଶୋଚନୀୟ ହୋଇପଡ଼ିଛି। ସ୍ଥାନୀୟ ଯୋଡ଼ା ବ୍ଲକ୍‌ର ୫, ଝୁମ୍ପୁରା ବ୍ଲକ୍‌ର ୩ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଓ ସଦର ମହକୁମାକୁ ଯାତାୟାତ କରିପାରୁ ନ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି।

# ଏନ୍‌ଏଚ୍‌ଏଆଇ ପକ୍ଷରୁ ଆମ୍ବୁଲାନ୍ସ ଲୋକାର୍ପିତ

କେନ୍ଦୁଝର,୧୩।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଦ୍ୱାରା ପ୍ରାୟୋଜିତ ଚାରି ଗୋଟି ଉନ୍ନତ ଜୀବନ ସମର୍ଥନକାରୀ ଆମ୍ବୁଲାନ୍ସକୁ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଲୋକାର୍ପଣ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍ ଡି, ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାମି, ବୈଷୟିକ ପ୍ରବନ୍ଧକ ପୁନିତ ଖନ୍ନା ସବୁଜ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଆମ୍ବୁଲାନ୍ସର ଲୋକାର୍ପଣ କରିଥିଲେ। ଆମ୍ବୁଲାନ୍ସଗୁଡ଼ିକରେ ଭେଣ୍ଟିଲେଟର, ଡିଫିବ୍ରିଲେଟର ଏବଂ ଅକ୍ସିଜେନ ସିଲିଣ୍ଡର ସମେତ ଉନ୍ନତ ଚିକିତ୍ସା ଉପକରଣ ମହଜୁଦ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ନୋଡାଲ ଅଧିକାରୀ ପ୍ରିୟବ୍ରତ କର, କ୍ଷେତ୍ର ଯନ୍ତ୍ରୀ ସୁବାଶିଷ ପରିଡ଼ା, ଅରୁଣ ଦାସ, ସୁବାଶିଷ ସାହୁ, ଆଞ୍ଚଳିକ ପ୍ରକଳ୍ପ ଅଧିକାରୀ ସୁଶ୍ରୀ ସଞ୍ଜିତା ଦେ, ସପନ ସ୍ୱାଇଁ ଏବଂ ତପନ ପତି ପ୍ରମୁଖ ଉପସ୍ଥିତ ଥିଲେ।

**ମୟୂରଭଞ୍ଜ**

**ମୟୂରଭଞ୍ଜ ଜିଲା**

# ଡରାଇଲାଣି ତାତି

ବାରିପଦା,୧୩।୩
ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟରେ ପାରଦ ଉପର ମୁହାଁ ହୋଇଥିବା ବେଳେ ମୟୂରଭଞ୍ଜ ଜିଲାରେ ତାତି ଅସମ୍ଭାଳ ଆଡ଼କୁ ଗତି କରୁଛି। ଦିନରେ ତାପମାତ୍ରା ୩୯ଡିଗ୍ରୀ ଛୁଇଁବାକୁ ବସିଥିବା ବେଳେ ରାତିରେ ହ୍ରାସ ପାଉଛି। ଏପରିକି ଜିଲାରେ ଜଳସ୍ତର ଦ୍ରୁତ ଗତିରେ କମିବାରେ ଲାଗିଛି। ଫଳରେ ବାରିପଦା ସହର ତଥା ଆଖପାଖ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ପାନୀୟ ଜଳ ସଙ୍କଟକୁ ନେଇ ଲୋକେ ହନ୍ତସନ୍ତ ହେଉଥିବା ବେଳେ ସମସ୍ତଙ୍କୁ ତାତି ଡର ଘାରିଲାଣି। ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଓ ପୌରପରିଷଦ ପକ୍ଷରୁ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରୟାସ ଜାରି ରହିଛି।

ସୂଚନାଯୋଗ୍ୟ, ବାରିପଦା ଓ ରାଇରଙ୍ଗପୁରରେ ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଡିଭିଜନ ରହିଛି। ବାରିପଦା ଡିଭିଜନ ଅଧୀନରେ ଥିବା ୧୪ଟି ବ୍ଲକ୍‌ର ୨୪୯ଟି ଗ୍ରାମ ପଞ୍ଚାୟତରେ ୨୨୫୦ଟି ଗ୍ରାମ ରହିଛି। ଏହି ଗ୍ରାମଗୁଡ଼ିକରେ ୧୯ ହଜାର ୧୯୩ଟି ନଳକୂପ ରହିଥିବା ବେଳେ ୧୪୫୮୩ଟି ନଳକୂପର ମରାମତି କରାଯାଇ ପାନୀୟ ଜଳ ବ୍ୟବହାର ଉପଯୋଗୀ ହୋଇଛି। ସେହିପରି ଜଳଜୀବ ମିଶନ ଅଧୀନରେ ୧୭୬୧ଟି ସୋଲାର ଚାଳିତ ପମ୍ପରୁ ୧୩୯୨ଟି ମରାମତି କରାଯାଇଥିବା ବେଳେ ବସୁଧା ଯୋଜନାରେ ୫୪୯ଟି ଓଭରହେଡ୍ ଟାଙ୍କି ମଧ୍ୟରୁ ୪୬୮ଟି କାର୍ଯ୍ୟକ୍ଷମ ରହିଛି। ରାଇରଙ୍ଗପୁର ଡିଭିଜନର ୧୨ଟି ବ୍ଲକ୍ ଅଧୀନ ୧୫୫ଟି ଗ୍ରାମ ପଞ୍ଚାୟତରେ ୧୩୪୫୨ଟି ନଳକୂଅ ରହିଛି। ସେଥିମଧ୍ୟରୁ ୮୭୭୨ଟି ନଳକୂଅର ମରାମତି କରାଯାଇ କାର୍ଯ୍ୟକ୍ଷମ ରହିଥିବା ବେଳେ ୧୧୫୩ଟି ସୋଲାର ପମ୍ପ ମଧ୍ୟରୁ ୯୪୯ଟି କାର୍ଯ୍ୟକ୍ଷମ ରହିଛି। ସେହିପରି ବସୁଧା ଯୋଜନାରେ ୫୭୫ଟି ଓଭରହେଡ୍ ଟାଙ୍କି ମଧ୍ୟରୁ ୨୩୬ଟି କାର୍ଯ୍ୟକ୍ଷମ ଶେଷ ହୋଇଛି।

ଜିଲାର ୧୪ଟି ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ରାଇରଙ୍ଗପୁର, ଯଶିପୁର ଓ କୁସୁମୀ ବ୍ଲକ୍‌ରେ କାର୍ଯ୍ୟକ୍ଷମ ରହିଥିବା ବେଳେ ଅବଶିଷ୍ଟ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶେଷ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ତେବେ ବାରିପଦା ଡିଭିଜନରେ ଏହି ସବୁ ଜଳ ଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୧୭ଟି ଓ ରାଇରଙ୍ଗପୁର ଡିଭିଜନରେ ୧୫ଟି ମୋବାଇଲ ୟୁନିଟ ଗଠନ କରାଯାଇଛି। ପ୍ରତି ୟୁନିଟରେ ୪ଜଣ କର୍ମଚାରୀ ସାମିଲ ହୋଇ ତ୍ୱରିତ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଦିନକୁ ଦିନ ଜିଲାରେ ଜଳସ୍ତର ହ୍ରାସ ପାଉଥିବାରୁ ଜଳସଙ୍କଟ ବୃଦ୍ଧି ପାଇବାରେ ଲାଗିଛି । ଏ ନେଇ ୨୦୨୪ରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରାକ୍-ମୌସୁମୀ ଭୂଗର୍ଭ ଜଳସ୍ତର ଗତ ଦଶକରେ ହାରାହାରି ୨.୬ମିଟର ହ୍ରାସ ପାଇଛି। ଯେଉଁଥିରେ ପ୍ରତିବର୍ଷ ହାରାହାରି ୦.୨୬ମିଟର ପତନ ଘଟିଛି। ମୌସୁମୀ ପରବର୍ତ୍ତୀ କ୍ଷେତ୍ରରେ ମଧ୍ୟ ୧.୧ମିଟର ହ୍ରାସ ପାଇଛି। ଯାହାକି ପ୍ରତିବର୍ଷ ହାରାହାରି ୦.୧୧ମିଟର ପତନ ଘଟିଥିବା ଜଣାପଡିଛି। ଅତ୍ୟଧିକ ଜଳ ଅପଚୟ ଓ ବୋର ୱେଲ୍ ଯୋଗୁ ଜଳସ୍ତର ପତନ ହେଉଥିବା ନେଇ ସର୍ଭେରୁ ଜଣାପଡିଛି। ବୃଦ୍ଧି ପାଉଥିବା ତାପମାତ୍ରା ଏବଂ ଅନିୟମିତ ବର୍ଷା ଭୂଗର୍ଭ ଜଳସ୍ତରକୁ ପ୍ରଭାବିତ କରିବାରେ ଲାଗିଛି। ଜଳ ଓ ଜଙ୍ଗଲ ସଂରକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଗଲେ ବିଗତ ବର୍ଷ ଭଳି ବିଶ୍ୱର ତୃତୀୟ ଓ ଦେଶର ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ରେକର୍ଡଭୁକ୍ତ ବାରିପଦା ସହର ଆଗ୍ନେୟସହର ଭାବେ ପରିଚିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ ବର୍ଷ ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୪.୬ଡିଗ୍ରୀ ସେଲସିୟସ ହୋଇଥିବା ବେଳେ ଅଗ୍ନିବର୍ଷାକୁ ନେଇ ଜିଲାବାସୀ ଭୟଭୀତ ହୋଇପଡିଛନ୍ତି। ତେବେ ଗ୍ରୀଷ୍ମ ଋତୁର ମୁକାବିଲା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଉଥିବା ବେଳେ ପାନୀୟ ଜଳ ଯୋଗାଣ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଜିଲାପାଳ ହେମକାନ୍ତ ସୟ କହିଛନ୍ତି। ମାର୍ଚ୍ଚ ୧୫ସୁଦ୍ଧା ନଳକୂପଗୁଡ଼ିକର ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମେ ସୁଦ୍ଧା ମେଗା ଜଳ ଯୋଗାଣ ପ୍ରକଳ୍ପ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ପାନୀୟ ଜଳ ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।



ବଡ଼ସାହି ବ୍ଲକ୍ ଚନ୍ଦନପୁର ଗ୍ରାମରେ ଅଚଳ ଅବସ୍ଥାରେ ଥିବା ଓଭରହେଡ୍ ପାଣିଟାଙ୍କି।

- ଚିନ୍ତା ବଢ଼ାଉଛି ଜଳସ୍ତର ହ୍ରାସ
- ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

# ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

ଉଦଳା,୧୩।୩(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ଉଦଳାଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଗୋପାଳକୃଷ୍ଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ କଳିଙ୍ଗ ପେଶାଦାର ସାମ୍ବାଦିକ ସଂଘର ସଭାପତି ମନୋଜ କୁମାର ଦାସ, ବିନାୟକ ମିଶ୍ର, ସୌରଭ ପଟ୍ଟନାୟକ,ବରିଷ୍ଠ ସାମ୍ବାଦିକ ରଞ୍ଜିତ ସାହୁ, ଛାତ୍ର ନେତା ତଥା ପୂର୍ବତନ କାଉନସିଲର ପ୍ରଭାତ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଅରୁଣ ଓତା ସଭାରେ ସଭାପତିତ୍ୱ କରିଥିଲେ।

ସାମ୍ବାଦିକମାନେ ନିଜର କଲମ ମୁନକୁ ସର୍ବଦା ଜନସାଧାରଣଙ୍କ ସ୍ୱାର୍ଥରେ ଚଳାଇବା ଜରୁରୀ। ଲୋକଙ୍କ ପାଇଁ ନିଜ କଲମ ମୁନକୁ ଶାଣିତ କରିଲେ ଏକ ସୁସ୍ଥ ସମାଜ ଗଠନରେ ଏହା ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଉତ୍ତର ଓଡ଼ିଶାର ଆଦର୍ଶ ଭାବେ ପରିଚିତ ଅଶୋକ କୁମାର ଦାସ ଏବଂ ରୋମିତା ମହାପାତ୍ର, ସ୍ୱାସ୍ଥ୍ୟ ସଚେତନତା ପାଇଁ ସନ୍ଦୀପ କୁମାର ମହାନ୍ତି, ନୃତ୍ୟ ଶିଳ୍ପୀ ଅନନ୍ୟ ବି ଲେଙ୍କା, କ୍ଷୁଦ୍ର ଉଦ୍ୟୋଗୀ ଗୌରଗୋପାଳ କରଣ, ସଙ୍ଗୀତଜ୍ଞ ବିଶ୍ୱନାଥ ପଣ୍ଡା, ଇତିହାସ ଗବେଷକ ଡା. ଶ୍ୟାମ ସୁନ୍ଦର ଦାସ, ସଫଳ ମତ୍ସ୍ୟ ଚାଷୀ ସଞ୍ଜୟ ସାହୁଙ୍କ ସମେତ କପ୍ତିପଦା ଉପଖଣ୍ଡର ସାମ୍ବାଦିକ ଆନନ୍ଦ ଦାସ, ଶ୍ରୀକାନ୍ତ ନାୟକ ଏବଂ ଜିଲାର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟରତ ସାମ୍ବାଦିକ ପ୍ରଶାନ୍ତ ଦାସ ପଟ୍ଟନାୟକ, ଖୁଦିରାମ ମହାନ୍ତି, ଗୌରିଶଙ୍କର ସିହ୍ନା, ଡା. କୁମାର ବାବୁଲିଙ୍କୁ ଉପଢୌକନ,ପୁଷ୍ପଗୁଚ୍ଛ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣମାଧ୍ୟମ ବନାମ ସାମାଜିକ ଗଣମାଧ୍ୟମ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ମଞ୍ଚ ପରିଚାଳନାରେ ବଙ୍କିମ ବାରିକ ଦାୟିତ୍ୱ ନିର୍ବାହ କରିଥିଲେ। ଦୀପକ କୁମାର ପାଣିଗ୍ରାହୀ, ସୁଶାନ୍ତ କୁମାର ମହାନ୍ତି, ନେତାଜୀ ରଥ, ତପନ ମହାନ୍ତି, ବୁଲୁରାମ ଦାସ, ତପନ କୁମାର ସେଠୀ, ଅଭିଜିତ ବେହେରା, ଶ୍ୱେତସୁନ୍ଦର ମଲ୍ଲିକ, ନିମାଇ ପ୍ରସାଦ ଦାସ, ଚିତ୍ତରଞ୍ଜନ ଦଳେଇ, ନାରାୟଣ ପୃଷ୍ଟିଙ୍କ ସମେତ ଉପଖଣ୍ଡରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସାମ୍ବାଦିକ ଜଗବନ୍ଧୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଏଏସ୍‌ଆଇ ନିଲମ୍ବିତ

ମୋରଡ଼ା,୧୩।୩(ସ୍ମାରକ ମାଜୀ)

ବିଶୃଙ୍ଖଳିତ କାର୍ଯ୍ୟପାଇଁ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ବଡ଼ାମପୁର ବିଟ୍‌ହାଉସ ଅଧିକାରୀ ଏଏସଆଇ ଚନ୍ଦନ କୁମାର ଚକ୍ରଙ୍କୁ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ନିଲମ୍ବିତ କରିଛନ୍ତି। ସୂଚନା ମୁତାବକ, ଏଏସ୍‌ଆଇ ଚକ୍ରଙ୍କ ଦାୟିତ୍ୱରେ ଅବହେଳା ଏବଂ ବିଶୃଙ୍ଖଳିତ ଆଚରଣ ଯୋଗୁ ବଡାମପୁର ଅଞ୍ଚଳରେ ଆଇନ ଶୃଙ୍ଖଳା ବିଗିଡ଼ି ଯାଇଥିଲା। ସେହିପରି ଅଞ୍ଚଳରେ ଚୋରା କାରବାର ମଧ୍ୟ ବଢ଼ି ଚାଲିଥିଲା। ଏ ସମ୍ପର୍କିତ ଅଭିଯୋଗକୁ ଭିତ୍ତିକରି ମୟୂରଭଞ୍ଜ ଏସ୍‌ପି ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିବା ସୂଚନା ମିଳିଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ମୋରଡ଼ା,୧୩।୩(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଉକ୍ତ ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଭାଲିଆଗଡିଆ ଗ୍ରାମର ସନ୍ତୋଷ କୁମାର ଜେନା କଟକସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୨ ତାରିଖରେ ମୃତ୍ୟୁବରଣ କରିଥିଲେ। ପାଖରେ ତାଙ୍କ ସ୍ତ୍ରୀ ଏବଂ ଶଳା ଉପସ୍ଥିତ ଥିଲେ। ତେବେ ମୃତଦେହ ଗାଁରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା କେତେଜଣ ଲୋକେ ସନ୍ତୋଷଙ୍କ ସ୍ତ୍ରୀ ଏବଂ ଶଳାକୁ ମାର୍‌ପିଟ କରିଥିଲେ। ସନ୍ତୋଷଙ୍କ ମୃତ୍ୟୁକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି । ସନ୍ତୋଷଙ୍କ ଶରୀରରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ନିର୍ମମ ଭାବେ ମାଡ଼ ମରାଯାଇଛି ଏବଂ ପରେ ଡାକ୍ତରଖାନାକୁ ନିଆଯାଇଛି ବୋଲି ପରିବାର ଲୋକେ କହିଛନ୍ତି। ଏନେଇ ସନ୍ତୋଷଙ୍କ ପୁଅ ମନୋଜଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ହତ୍ୟା ମାମଲା(ନଂ. ୮୯/୨୫) ରୁଜୁ ହୋଇଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ମୃତଦେହ ଜବତ କରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

**ପୌରପରିଷଦ-ବ୍ୟବସାୟୀ ସଂଘ ବୈଠକ**

# ସ୍ୱଚ୍ଛ ସହର ପାଇଁ ଅଣ୍ଟା ଭିଡ଼ିଲେ

ବାରିପଦା,୧୩।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସ୍ୱଚ୍ଛ ସର୍ବେକ୍ଷଣ ପ୍ରକ୍ରିୟାରେ ଶ୍ରେଷ୍ଠ ସ୍ଥାନ ହାସଲ ପାଇଁ ବାରିପଦା ପୌରପରିଷଦ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ନେଇ ବ୍ୟବସାୟୀ ସଂଘ ସହ ପୌରପରିଷଦର ବୈଠକ ଗୁରୁବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଛି। ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ବଣିକ, ପରିବା, ଉଠା ଦୋକାନୀ, ମାଛ ଓ କୁକୁଡ଼ା ବ୍ୟବସାୟୀ ସଂଘର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ିବା ପାଇଁ ପୌରପରିଷଦ ପକ୍ଷରୁ ସମସ୍ତଙ୍କ ସହାୟତା ଲୋଡ଼ା ଯାଇଥିଲା। ବଜାର ଅଞ୍ଚଳରୁ ଦୈନିକ ବାହାରୁ ଥିବା ଅଳିଆ ଆବର୍ଜନାକୁ କିପରି ଅଳିଆ ଗାଡ଼ି ଯୋଗେ ସଂଗ୍ରହ କରାଯିବ ଓ ଅଳିଆ ଆବର୍ଜନାର ପ୍ରକ୍ରିୟାକରଣ କରି ସୁସ୍ଥ ବାତାବରଣ ସୃଷ୍ଟି କରିବା ନେଇ ସମସ୍ତ ବ୍ୟବସାୟୀଙ୍କ ସହାୟତା କରିବା ନିମନ୍ତେ ଆଲୋଚନା ହୋଇଥିଲା। ସମଗ୍ର ଭାରତରେ ବର୍ତ୍ତମାନ ସ୍ୱଚ୍ଛ ସର୍ବେକ୍ଷଣ ଜାରି ରହିଛି। ଉକ୍ତ ସର୍ବେକ୍ଷଣରେ ଦେଶର ଶ୍ରେଷ୍ଠ ୫୦ଟି ସ୍ୱଚ୍ଛ ସହର ତାଲିକା ମଧ୍ୟରେ କିପରି ବାରିପଦା ପୌରପରିଷଦ ସ୍ଥାନିତ ହେବ ସେନେଇ ଉଦ୍ୟମ ଜାରି ରହିଛି। ବାରିପଦା ସହରକୁ ବର୍ଜ୍ୟମୁକ୍ତ ସହର ଭାବେ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ସ୍ୱଚ୍ଛତା ପାଇଁ ଆଗକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତି ୱାର୍ଡ ବୁଲି ଜନସଚେତନ କରାଯିବ। ତେଣୁ ସମସ୍ତେ ସହଯୋଗ କରି ସ୍ୱଚ୍ଛ, ସୁନ୍ଦର ଓ ସବୁଜ ବାରିପଦା ସହର ଗଢ଼ିବା ପାଇଁ ନଗରପାଳ ମହାନ୍ତି ଅପିଲ କରିଛନ୍ତି। ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତେ ସହଯୋଗ କରି ସ୍ୱଚ୍ଛ ବାରିପଦା ସହର ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।




ବୈଠକରେ ଉପସ୍ଥିତ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ଅନ୍ୟମାନେ।

